ସଭାପତି, ପଞ୍ଚାୟତ ୟୁନିଅନ ପରିଷଦ

ବନାମ

ପି. କେ. ମୁଥୁସାମି ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 4774/2009)

27 ଜୁଲାଇ, 2009

[ମାର୍କଣ୍ଡେୟ କାଟଜୁ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]

*ସାର୍ବଜନୀନ ପରିସର:*

*ନ୍ୟାୟାଳୟ ପାଇଁ ଆବାସ ଆବଣ୍ଟନ - ମୁନ୍ସିଫ୍-ତଥା-ନ୍ୟାୟିକ ଦଣ୍ଡାଧିକାରୀ ଅଦାଲତ ପାଇଁ ରାଜ୍ୟ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ କୋଠା ଆବଣ୍ଟନ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି - ନିର୍ଣ୍ଣୟ ହେଲା: ଏହି ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଜମି କିମ୍ବା କୋଠା ଆବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରିତା କ୍ଷେତ୍ର ମଧ୍ୟରେ ନଥିଲା - ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ କେବଳ ସରକାରଙ୍କୁ ଅନୁରୋଧ କରିପାରିବେ - ଏହି ପ୍ରସଙ୍ଗରେ ନ୍ୟାୟପାଳିକା ପକ୍ଷରୁ ସଂଯମ ରହିବା ଆବଶ୍ୟକ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବାତିଲ କରାଗଲା - ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବଙ୍କୁ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲଙ୍କ ସହ ଆଲୋଚନା କରିବାକୁ ଅନୁରୋଧ କରାଗଲା - ନ୍ୟାୟିକ ନିୟନ୍ତ୍ରଣ - ନ୍ୟାୟ ପ୍ରଶାସନ ।*

ଡିଭିଜନାଲ ମ୍ୟାନେଜର, ଆରାବଲୀ ଗୋଲ୍ଫ କ୍ଲବ ଏବଂ ଅନ୍ୟ ଏକ ବନାମ ଚନ୍ଦର ହେସ୍ ଏବଂ ଅନ୍ୟ ଏକ, (2008) 1 ଏସ.ସି.ସି. 683, କମନ୍ କଜ୍ ବନାମ ଭାରତ ସଂଘ (2008) 5 ଏସ.ସି.ସି. 511 ଉପରେ ନିର୍ଭରଶୀଳତା ରଖାଯାଇଥିଲା ।

**ନଜିର ସୂଚନା:**

| | | |
|---|---|---|
| **(2008) 1 ଏସ.ସି.ସି. 683** | **ନିର୍ଭରଶୀଳତା** | **ଅନୁଚ୍ଛେଦ 5** |
| **(2008) 5 ଏସ.ସି.ସି. 511** | **ନିର୍ଭରଶୀଳତା** | **ଅନୁଚ୍ଛେଦ 5** |

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 4774/2009 ।

ଡବ୍ଲ୍ୟୁ. ପି. ସଂଖ୍ୟା 30663/2007ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 19.2.2008 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏନ୍. ଶୋଭା ଏବଂ ଶ୍ରୀ ରାମ ଜେ. ଥାଲାପାଥି ।

ଉତ୍ତରଦାତାମାନଙ୍କ ପାଇଁ ଭି. ପ୍ରଭାକର (ରେବତୀ ରାଘବନଙ୍କ ପାଇଁ) ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ ।

2008 ମସିହା ଫେବୃଆରୀ 19 ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆକ୍ଷେପିତ ରାୟ ବିରୋଧରେ ବିଶେଷ ଅନୁମତି ମଞ୍ଜୁର ଦ୍ୱାରା ଏହି ଆବେଦନ ଦାୟର କରାଯାଇଛି ।

ତାମିଲନାଡୁର ଧର୍ମପୁରୀ ଜିଲ୍ଲାର ପେନ୍ନାଗରମ ତାଲୁକରେ ଜିଲ୍ଲା ମୁନ୍ସିଫ-ତଥା-ନ୍ୟାୟିକ ଦଣ୍ଡାଧିକାରୀ ଅଦାଲତ ପାଇଁ କିଛି ଆବାସ ଆବଶ୍ୟକ ଥିଲା ବୋଲି ଜଣାପଡୁଛି । ଆକ୍ଷେପିତ ଆଦେଶ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ପୁରୁଣା ବ୍ଲକ୍ ଉନ୍ନୟନ କାର୍ଯ୍ୟାଳୟର କୋଠା ଉପରୋକ୍ତ ନ୍ୟାୟାଳୟ ପାଇଁ ଆବଣ୍ଟନ କରାଯିବ ।

ଆମ ମତରେ, ଉପରୋକ୍ତ ଆଦେଶ ପାରିତ କରିବା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରିତା ମଧ୍ୟରେ ନଥିଲା । ମୁନ୍ସିଫଙ୍କ ଅଦାଲତ ପାଇଁ ଉପଯୁକ୍ତ ସ୍ଥାନ ରହିବା ଉଚିତ ବୋଲି ଉଚ୍ଚ ନ୍ୟାୟାଳୟର ଚିନ୍ତାଧାରାକୁ ଆମେ ବୁଝି ପାରୁଛୁ, କିନ୍ତୁ ସେହି ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟ କେବଳ ସରକାରଙ୍କୁ ଅନୁରୋଧ କରିପାରିବେ ଏବଂ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ଜମି କିମ୍ବା କୋଠା ଆବଣ୍ଟନ କରିବାକୁ କିମ୍ବା ଦେବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ଯାହା ସରକାରଙ୍କ କିମ୍ବା ଅନ୍ୟ କାହାର ଅଟେ । *ଡିଭିଜନାଲ ମ୍ୟାନେଜର, ଆରାବଲୀ ଗୋଲ୍ଫ କ୍ଲବ ଏବଂ ଅନ୍ୟ ବନାମ ଚନ୍ଦର ହାସ ଏବଂ ଅନ୍ୟ,* (2008) 1 ଏସ.ସି.ସି. 683, *କମନ କଜ୍ ବନାମ ଭାରତ ସଂଘ,* (2008) 5 ଏସ.ସି.ସି. 511, ଇତ୍ୟାଦି ମାମଲାରେ ଏହି ନ୍ୟାୟାଳୟ ବାରମ୍ବାର କହିଆସୁଛନ୍ତି ଯେ ନ୍ୟାୟପାଳିକା

## ସଭାପତି, ପଞ୍ଚାୟତ ୟୁନିଅନ ପରିଷଦ ବନାମ ପି. କେ. ମୁଥୁସାମି ଏବଂ ଅନ୍ୟମାନେ

ସାଧାରଣତଃ କାର୍ଯ୍ୟପାଳିକା କିମ୍ବା ବ୍ୟବସ୍ଥାପିକାର ଅଧିକାର କ୍ଷେତ୍ରକୁ ଉଲ୍ଲଙ୍ଘନ କରିବା ଉଚିତ ନୁହେଁ । ନ୍ୟାୟପାଳିକା ପକ୍ଷରୁ ଏହି ପ୍ରସଙ୍ଗରେ ସଂଯମ ରହିବା ଆବଶ୍ୟକ । ଆମର ବିଶ୍ୱାସ ଯେ ଯଦି ନ୍ୟାୟପାଳିକା ସରକାରଙ୍କୁ ଅନୁରୋଧ କରେ, ତେବେ ସରକାର ସେହି ଅନୁରୋଧକୁ ଅତ୍ୟନ୍ତ ସମ୍ମାନର ସହ ବିଚାର କରିବେ ଏବଂ ନ୍ୟାୟାଳୟର ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବେ । ତେବେ, ଏଭଳି ମାମଲାରେ ନ୍ୟାୟାଳୟ ସରକାରଙ୍କୁ ସେହି ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଜମି କିମ୍ବା କୋଠା ଆବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ ।

ତଦନୁସାରେ, ଆମେ ଏହି ଆବେଦନକୁ ଗ୍ରହଣ କରୁଛୁ; ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟକୁ ଖାରଜ କରୁଛୁ ଏବଂ ତାମିଲନାଡୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ଅନୁରୋଧ କରୁଛୁ ଯେ ସେ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲଙ୍କ ସହିତ ଏହି ବିଷୟରେ ଆଲୋଚନା କରନ୍ତୁ ଯାହା ଦ୍ୱାରା ସମସ୍ୟାର ଯଥାଶୀଘ୍ର ସମାଧାନ କରାଯାଇପାରିବ, ବିଶେଷତଃ ଆଜିଠାରୁ ଦୁଇ ମାସ ମଧ୍ୟରେ । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଏହି ଆଦେଶର ଏକ ନକଲ ତାମିଲନାଡୁ ରାଜ୍ୟର ମୁଖ୍ୟ ସଚିବ ତଥା ମାଡ୍ରାସ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲଙ୍କୁ ପଠାଇବାକୁ ରେଜିଷ୍ଟ୍ରିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଆର.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।